# ଚୋର ମନ ଚୋର ଗଣ୍ଠିରେ

୧୮/୦୬/୧୯୮୯

ଇଷ୍ଟର୍ଣ୍ଣ ମିଡ଼ିଆ ଲିଃ ତରଫରୁ ପ୍ରଯୋଜିତ ଓଡ଼ିଆ ଫିଲ୍ମ 'ଚକା ଆଖି ସବୁ ଦେଖୁଛି' ଗତ ସପ୍ତାହ ରେ ଓଡ଼ିଶାର ବିଭିନ୍ନ ପ୍ରେକ୍ଷାଳୟ ଗୁଡ଼ିକରେ ମୁକ୍ତିଲାଭ କରିଛି । ଓଡ଼ିଶା ରେ ବର୍ଷକୁ ପ୍ରାୟ ୧୨/୧୩ଟି ଓଡ଼ିଆ ଫିଲ୍ମ ମୁକ୍ତିଲାଭ କରୁଥିବା ବେଳେ 'ଚକାଆଖି ସବୁ ଦେଖୁଛି'ର ସାଧାରଣ ମୁକ୍ତିଲାଭ ଘଟଣା ଆମ ସମସ୍ତଙ୍କର ଦୃଷ୍ଟି ଆକର୍ଷଣ କରନ୍ତା ନାହିଁ, ଯଦି ଭଦ୍ରକର 'ମାଧବ' ଟକିଜରେ ଏହାର ପ୍ରଦର୍ଶନ ଉପରେ ରହିତାଦେଶ ବାଲେଶ୍ୱର ଜିଲ୍ଲାପାଳ ଲାଗୁ କରି ନଥାନ୍ତେ । ତେଣୁ ସ୍ୱାଭାବିକ ଭାବେ ପ୍ରଶ୍ନ ଉଠୁଛି, ଏ ରହିତାଦେଶ ପ୍ରଥମେ କାହିଁକି ଲାଗୁ କରାଯାଇଥିଲା ଏବଂ ୩ ଦି ନ ପରେ ପୁଣି କାହିଁକି ଏହାକୁ ପ୍ରତ୍ୟାହାର କରି ନିଆଗଲା ? ଏ ନାଟକ କ'ଣ ନିହାତି ଆବଶ୍ୟକ ଥିଲା ? ହୁଏତ ଅନେକ ଏ ପ୍ରଶ୍ନଟିକୁ ସମ୍ପୂର୍ଣ୍ଣ ବ୍ୟକ୍ତିଗତ ପ୍ରଶ୍ନ ବୋଲି କହି କିମ୍ବା ପୁରୁଣା କଳି ଓ ଅବୁଝାମଣା ଯୋଗୁଁ ହେଲା ବୋଲି ସଫେଇ ଦେଇ ଏଡ଼େଇ ଦେଇ ପାରନ୍ତି । କିନ୍ତୁ ଆମ ବିଚାରରେ ଆମ ରାଜନୀତି ଏବଂ ପ୍ରଶାସନ କେଉଁ ଆଡ଼େ ଗତି କରୁଛି ସେ ନେଇ ଏହା ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ଉତ୍ଥାପନ କରୁଛି ।

## ଆମ ଘରର ହାଲଚାଲ୍

**ସୌମ୍ୟରଞ୍ଜନ ପଟ୍ଟନାୟକ**

ବାଲେଶ୍ୱରର ଜିଲ୍ଲାପାଳ 'ଚକା ଆଖି ସବୁ ଦେଖୁଛି' ଭଦ୍ରକ ସହରରେ ପ୍ରଦର୍ଶିତ ହେଲେ ଶାନ୍ତିଭଙ୍ଗ ହେବ ବୋଲି ଆଶଙ୍କା କଲେ ଏବଂ ସେଥିପାଇଁ ଆଇନ ଅନୁସାରେ ଭଦ୍ରକ ସହର ଏବଂ ତା'ର ଆଖପାଖ ଅଞ୍ଚଳରେ ଏହାର ପ୍ରଦର୍ଶନ ଉପରେ ରହିତାଦେଶ ଜାରି କଲେ । ଗୋଟିଏ ଫିଲ୍ମ ପ୍ରଦର୍ଶନ ଫଳରେ ଏପରି ଶାନ୍ତିଭଙ୍ଗର ଆଶଙ୍କା ଆମକୁ ଯେତେ ଅହେତୁକ ମନେ ହେଲେ ମଧ୍ୟ ଜିଲ୍ଲା ପ୍ରଶାସନର ମୁଖ୍ୟ ଭାବରେ ଶାନ୍ତିଶୃଙ୍ଖଳା ରକ୍ଷା କରିବାର ସମ୍ପୂର୍ଣ୍ଣ ଦାୟିତ୍ୱ ତାଙ୍କର ହୋଇଥିବାରୁ ଆମେ ଜିଲ୍ଲାପାଳଙ୍କର ଏତାଦୃଶ ଆଦେଶ ଓ ନିଷ୍ପତ୍ତିକୁ ସମ୍ମାନ ଦେଉଛୁ । କିନ୍ତୁ ୩ ଦିନ ପରେ ପ୍ରଶାସକଙ୍କର ପ୍ରତ୍ୟାହାର ନିଷ୍ପତ୍ତିକୁ ଅନୁରୂପ ସମ୍ମାନ ଦେଇ ପାରୁନାହୁଁ । ଆମର ମୂଳ ପ୍ରଶ୍ନ ହେଲା, ୩ ଦିନ ପୂର୍ବରୁ ଯଦି ଶାନ୍ତିଭଙ୍ଗର ଆଶଙ୍କା ଥିଲା, ତାହା ୩ ଦିନ ପରେ ଦୂର ହେଲା କିପରି ? ଜିଲ୍ଲାପାଳ ମହୋଦୟ ରହିତାଦେଶ ଜାରି କରିବା ପୂର୍ବରୁ ସେ ଫିଲ୍ମଟିକୁ ନିଜେ ଦେଖିଥିଲେ କି ? ନା ଆଉ କାହା କଥା ବା ଚାପରେ ପ୍ରରୋଚିତ ହୋଇ ଏକଥା କରିବସିଲେ ଏବଂ ପରେ ନିଜର ଭୁଲ୍ ବୁଝିପାରି ଅଗତ୍ୟା ରହିତାଦେଶ ପ୍ରତ୍ୟାହାର କଲେ ? ସେ ଚାହିଁଥିଲେ କେବଳ ତାଙ୍କ ପାଇଁ ରୁଦ୍ଧ ପ୍ରେକ୍ଷାଳୟରେ ଏହି ଫିଲ୍ମର ଏକ ବିଶେଷ ପ୍ରଦର୍ଶନର ଆୟୋଜନ କରିପାରିଥାନ୍ତେ । ଆମର କାହିଁକି ସନ୍ଦେହ ହେଉଛି, ଭଦ୍ରକ ନିର୍ବାଚନମଣ୍ଡଳୀର ପ୍ରତିନିଧି ଆମର ରାଜସ୍ୱ ଏବଂ ଅର୍ଥମନ୍ତ୍ରୀ ଶ୍ରୀ ଯୁଗଳ କିଶୋର ପଟ୍ଟନାୟକଙ୍କ ପ୍ରତ୍ୟକ୍ଷ ହସ୍ତକ୍ଷେପ ଏବଂ ପ୍ରରୋଚନାରେ ଏପରି କରାଯାଇଛି । କାରଣ, ଯେଉଁମାନେ ଏହା ପ୍ରଦର୍ଶିତ ହେଲେ ପ୍ରେକ୍ଷାଳୟକୁ ଜାଳିପୋଡ଼ି ଦେବେ ବୋଲି ଧମକ ଦେଇଥିଲେ ଏବଂ ଆଇନ ଶୃଙ୍ଖଳାର ପରିସ୍ଥିତି ସୃଷ୍ଟି ହେବ ବୋଲି ଏକ ଧାରଣା ସୃଷ୍ଟି କରାଉଥିଲେ, ସେମାନେ ସମସ୍ତେ ଯୁଗଳ ବାବୁଙ୍କର ଅତି ପାଖ ଲୋକ ବୋଲି ଭଦ୍ରକରେ ସମସ୍ତେ ଜାଣନ୍ତି । ଅବଶ୍ୟ ଫିଲ୍ମର ଔପଚାରିକ ଏବଂ ଅନୌପଚାରିକ ପ୍ରଚାର ଏପରି ହୋଇଛି ଯାହା ସ୍ୱାଭାବିକ ଭାବେ ଯୁଗଳ ବାବୁଙ୍କୁ ଆଘାତ କରୁଛି । ଏ ଫିଲ୍ମର କାହାଣୀ ବାଲେଶ୍ୱରର ପୂର୍ବତନ ଜିଲ୍ଲାପାଳ ଶ୍ରୀ ପ୍ରିୟବ୍ରତ ପଟ୍ଟନାୟକ ଲେଖିଛନ୍ତି । ଶ୍ରୀ ପଟ୍ଟନାୟକ ମଧ୍ୟ ଫିଲ୍ମରେ ଜିଲ୍ଲାପାଳ ଭୂମିକାରେ ନିଜେ ଅଭିନୟ କରିଛନ୍ତି । ମନ୍ତ୍ରୀ, ବ୍ୟବସାୟୀ ଏବଂ ଜିଲ୍ଲା ପ୍ରଶାସନକୁ ନେଇ ଗଢ଼ି ଉଠିଥିବା କାହାଣୀଟିର କେତେକାଂଶରେ ମନ୍ତ୍ରୀ ଏବଂ ଜିଲ୍ଲାପାଳଙ୍କର ସମ୍ପର୍କ ଅତି ତିକ୍ତ ଏବଂ ମୁକାବିଲାମୂଳକ ହୋଇଛି ଏବଂ ଶେଷରେ ଜିଲ୍ଲାପାଳଙ୍କର ବିଜୟ ହୋଇଛି । ସେ ବନ୍ଧୁକ ଫୁଟାଇ ହତ୍ୟାକାରୀକୁ ମାରିବା ସଙ୍ଗେସଙ୍ଗେ ଖୋଦ୍ ମନ୍ତ୍ରୀଙ୍କର ଉପସ୍ଥିତିରେ ତାଙ୍କର ବାସଭବନରୁ ମନ୍ତ୍ରୀଙ୍କ ପୁଅକୁ ବଧୂହତ୍ୟା ଅଭିଯୋଗରେ ଗିରଫ ମଧ୍ୟ କରିବାର ଅଭିନୟ କରିଛନ୍ତି । ପ୍ରିୟବ୍ରତ ବାବୁ ଏବଂ ଯୁଗଳ ବାବୁଙ୍କର ସମ୍ପର୍କ କିପରି ଏବଂ ତାହା କେଉଁ କାରଣରୁ ସେ ବିଷୟରେ ଅଧିକ ଉଲ୍ଲେଖ ନିଷ୍ପ୍ରୟୋଜନ । ଆଜିର ଗଣତାନ୍ତ୍ରିକ ବ୍ୟବସ୍ଥାରେ ଏ ପ୍ରକାର ସମ୍ପର୍କ ଏବଂ ତାକୁ ନେଇ ଯେଉଁ ନାଟକୀୟ ପରିସ୍ଥିତି ସୃଷ୍ଟି ହୋଇଥିଲା ତାହାର ଯେ ପୁନରାବୃତ୍ତି ନ ଘଟୁଛି ତାହା ନୁହେଁ । କିନ୍ତୁ ଜଣେ ବରିଷ୍ଠ ମନ୍ତ୍ରୀ ନିଜର ବ୍ୟକ୍ତିଗତ ଦ୍ୱେଷକୁ ଅଗ୍ରାଧିକାର ଦେଇ ଯେପରି ଭାବରେ ରାଜନୈତିକ କ୍ଷମତାର ଅପବ୍ୟବହାର କଲେ, ପ୍ରଶାସନକୁ ବ୍ୟକ୍ତିଗତ ରାଗ ସୁଝାଇବା ପାଇଁ ବ୍ୟବହାର କଲେ, ତାହା ସହଜରେ ଗ୍ରହଣ କରି ହେଉ ନାହିଁ । ଅଧିକ ଦୁଃଖ ଲାଗୁଛି ଯେତେବେଳେ ଆମେ ଚିନ୍ତା କରୁଛୁ ଯେ, ମନ୍ତ୍ରୀ ମହୋଦୟ କୌଣସି ତଥ୍ୟ ପ୍ରମାଣ ନ ଥାଇ ଏହା କରିବା ପାଇଁ ସାହସ କଲେ, କେତେକ ତୋଷାମଦିଆ ତଥା କାନକୁହା ଲୋକଙ୍କ ପ୍ରରୋଚନାରେ । ଯେଉଁ ରାଜନୀତିଜ୍ଞ ଏବଂ ପ୍ରଶାସକ ମାନଙ୍କର କଳ୍ପନାର କାହାଣୀ ଓ ବାସ୍ତବ ତଥ୍ୟ ଭିତରେ, ଅଭିନୟ ଓ ବାସ୍ତବତା ମଧ୍ୟରେ ତଫାତ୍ ଜାଣିବାର କ୍ଷମତା ନାହିଁ ସେମାନଙ୍କ ହାତରେ ଆମ ଗଣତନ୍ତ୍ର ଓ ପ୍ରଶାସନ ଯେ ସୁରକ୍ଷିତ ନୁହେଁ, ଏ କଥା କହିବାକୁ ଆମର ସଙ୍କୋଚ ହେଉନାହିଁ । ତା'ଛଡ଼ା ଜିଲ୍ଲାପାଳଙ୍କର ରହିତାଦେଶ ଦ୍ୱାରା ଅଳ୍ପଦିନ ପାଇଁ ହେଲେ ମଧ୍ୟ ବିନା କାରଣରେ ଆମର ସ୍ୱାଧୀନତାକୁ ଯେପରି ଭାବେ ସଙ୍କୁଚିତ କରି ଦିଆଗଲା ତାହାର ଭରଣା କିଏ ଏବଂ କିପରି କରିବ, ସେ କଥା ମନ୍ତ୍ରୀ ମହୋଦୟ କହିବେ କି ? ଏ ସବୁ କଥା ଚିନ୍ତା କଲାବେଳେ ଓଡ଼ିଆରେ ଏକ ପ୍ରବାଦ ହିଁ କେବଳ ମନେ ପଡ଼ିଯାଉଛି— ଚୋର ମନ ଚୋର ଗଣ୍ଠିରେ.........।